# NATIONAL NEWS BULLETIN (ODIA)
## 13th March' 2026
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ବିଶ୍ୱ ସ୍ତରରେ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।

- ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଉପରେ ଆଜି ଲୋକସଭାରେ ହେବ ଆଲୋଚନା ।

- ଆସାମକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

— ୪୭ ହଜାର ୮ ଶହ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରହିବ ବୋଲି ଇରାନ୍‌ର ନୂତନ ସର୍ବୋଚ୍ଚ ନେତାଙ୍କ ଘୋଷଣା ।

ଏବଂ

- ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍-୨୦୨୬ରେ ସ୍ଥାନ ପକ୍କା କଲା ଭାରତ ।

## ପି.ଏମ୍. - ଏନ୍.ଏକ୍ସ.ଟି. ସମ୍ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପଶ୍ଚିମ ଏସିଆରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ବିଶ୍ୱ ସ୍ତରରେ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବରେ ନିଜକୁ ପ୍ରତିପାଦନ କରିପାରିଛି । ନୂଆଦିଲ୍ଲୀରେ ଏନ୍.ଏକ୍ସ.ଟି. ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦି କହିଛନ୍ତି, ଯୋଗାଣ ଶୃଙ୍ଖଳରେ ସୃଷ୍ଟ ଆହ୍ୱାନକୁ ମୁକାବିଲା କରିବାପାଇଁ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ତୈଳ ଉତ୍ପାଦନକୁ ଉତ୍ସାହିତ କରିବା, ଶକ୍ତି ଉପଲବ୍ଧତାକୁ ବ୍ୟାପକ କରିବା ଏବଂ ଏଥିପାଇଁ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ଉପରେ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM on Crisis)*** :.........

ଶ୍ରୀ ମୋଦି କହିଛନ୍ତି, ବୈଶ୍ୱିକ ପରିସ୍ଥିତି ସତ୍ତ୍ୱେ ଚାଷୀ ଏବଂ ସାଧାରଣ ଜନତାଙ୍କ ଉପରେ ସୃଷ୍ଟ ପ୍ରଭାବକୁ ହ୍ରାସ କରିବାପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ପେଟ୍ରୋଲିୟମ୍ ଓ ଡିଜେଲ୍ କ୍ଷେତ୍ରରେ ଦକ୍ଷତା

ବିକାଶରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଏବଂ କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ନିକଟରେ ଭାରତ ଗସ୍ତ ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଭାରତ ସହିତ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଶ୍ୱସ୍ତରୀୟ ନେତୃତ୍ୱ ଆଗ୍ରହ ପ୍ରକାଶ କରୁଛନ୍ତି । ଦେଶ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ଭିତ୍ତିଭୂମି ଆଡ଼କୁ ଅଗ୍ରସର ହେଉଛି । ବାସ୍ତବ ସମୟ ଡିଜିଟାଲ କାରବାରରେ ଭାରତ ଦ୍ରୁତ ବିକାଶ କରୁଛି । ସେ କହିଛନ୍ତି, ଭାରତ କେବଳ ପ୍ରଗତି କରୁ ନାହିଁ; ବରଂ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ଆଡ଼କୁ ଗତି କରୁଛି ।

ଏହି ଅବସରରେ ଶ୍ରୀ ମୋଦି ଦେଶରେ ଶକ୍ତି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି ।

## ପି.ଏମ୍. - ଇରାନ୍ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ପରିସ୍ଥିତି ନେଇ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କ ସହ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ଏ ସମ୍ପର୍କରେ ସୂଚନା ଦେଇ ପ୍ରବାସୀ ଭାରତୀୟ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସଂଘର୍ଷ

ବୃଦ୍ଧି, ସାଧାରଣ ନାଗରିକଙ୍କ ଜୀବନ ହାନି ଏବଂ ଭିତ୍ତିଭୂମି କ୍ଷେତ୍ରର କ୍ଷୟକ୍ଷତି ନେଇ ଶ୍ରୀ ମୋଦି ଗଭୀର ଚିନ୍ତା ପ୍ରକଟ କରିଛନ୍ତି । କଥାବାର୍ତ୍ତା କାଳରେ ସୁରକ୍ଷା, ସାମଗ୍ରୀ ଏବଂ ଶକ୍ତିର ନିରନ୍ତର ପରିବହନର ଆବଶ୍ୟକତା ଉପରେ ଶ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି । ଶାନ୍ତି ଓ ସ୍ଥିରତା ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରି ଶ୍ରୀ ମୋଦି କୂଟନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଉପରେ ଆଲୋଚନା ସହ ମତାମତ ଗ୍ରହଣ କରାଯିବାର କାର୍ଯ୍ୟସୂଚୀ ରହିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଲୋଚନାର ଉତ୍ତର ରଖିବେ । ରାଜ୍ୟସଭାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର କାର୍ଯ୍ୟକ୍ରମଗୁଡ଼ିକ ଉପରେ ଅଧିକ ଆଲୋଚନା ହେବ ।

ଲୋକସଭାରେ ଗତକାଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପମନ୍ତ୍ରୀ ହରଦୀପ ସିଂ ପୁରି’ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଶକ୍ତି ଯୋଗାଣ କ୍ଷେତ୍ରରେ ସୃଷ୍ଟ ଆହ୍ୱାନ ଏବଂ ଏହାର ମୁକାବିଲା ଦିଗରେ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ସୂଚନା ପ୍ରଦାନ କରିଥିଲେ । ଦେଶର ଅଶୋଧିତ

ତୈଳ ସ୍ଥିତି ସୁରକ୍ଷିତ ରହିଛି ବୋଲି ଶ୍ରୀ ପୁରି କହିଛନ୍ତି । ଘରୋଇ ଏଲ୍.ପି.ଜି. ଯୋଗାଣ କ୍ଷେତ୍ରରେ ସ୍ଥିରତା ରହିବା ସହିତ ବୁକିଂର ଅଢ଼େଇ ଦିନ ମଧ୍ୟରେ ସିଲିଣ୍ଡର ଯୋଗାଣର ପୂର୍ବ ନିର୍ଦ୍ଧାରିତ ଅବଧି ଅପରିବର୍ତ୍ତିତ ରହିଛି । ଦେଶର ୩୩ କୋଟି ପରିବାର ବିଶେଷକରି ଗରିବ ଲୋକଙ୍କୁ ନିରନ୍ତର ଏଲ୍.ପି.ଜି. ଯୋଗାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପୁରି କହିଛନ୍ତି । ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏଲ୍.ପି.ଜି. ଯୋଗାଣ ବ୍ୟାହତ ଅଭିଯୋଗ ନେଇ ବ୍ୟବସାୟ କ୍ଷେତ୍ର ସମ୍ମୁଖୀନ ହେଉଥିବା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ ।

## ପି.ଏମ୍. - ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଆସାମ ଗସ୍ତରେ ଯିବେ । ଶ୍ରୀ ମୋଦୀ ସେଠାରେ ୪୭ ହଜାର ୮ ଶହ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ କୋକ୍ରାଝରରେ ପ୍ରଧାନମନ୍ତ୍ରୀ ୪ ହଜାର ୫୭୦ କୋଟି ଟଙ୍କା ବ୍ୟୟରେ କେତେକ ପ୍ରକଳ୍ପର ଶୁଭାରମ୍ଭ କରିବେ । ସେଥିମଧ୍ୟରେ ରେଳକୋଚ ମରାମତି କାରଖାନା, ୩ଟି ସେତୁ ଏବଂ ବୋଡୋ ଟେରିଟୋରିଆଲ ଅଞ୍ଚଳରେ ୩ଟି ନୂଆ ରେଳ ଲାଇନ୍ ରହିଛି । ଆସାମମାଳା

ତୃତୀୟ ଏବଂ ୬ଟି ସଡ଼କ ଯୋଗାଯୋଗ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଆହାଟୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ସେଠାରେ ଶ୍ରୀ ମୋଦୀ ଯୋଗ୍ୟ ଚା' ବଗିଚା ଶ୍ରମିକଙ୍କୁ ଜମିପଟା ବଣ୍ଟନ କରିବେ । ଏଥିସହିତ ୧୫୦ ମେଗାୱାଟ ବିଶିଷ୍ଟ କୋପିଲି ଜଳବିଦ୍ୟୁତ୍ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିବେ । ଏହି ଅବସରରେ ସେ ପ୍ରାୟ ୧୦ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି  ସିଧାସଳଖ ସମ୍ପୃକ୍ତ କୃଷକମାନଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରିବେ । ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ସିଲଚର ଯାଇ ୨୪ହଜାର ୨୦୫ କୋଟି ଟଙ୍କା ସମ୍ବଳିତ ୩ଟି ପ୍ରମୁଖ ପ୍ରକଳ୍ପର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସନ୍ଧ୍ୟାରେ ଆସାମରୁ କୋଲକାତା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ସେ କୋଲ୍‌କାତାଠାରେ ପ୍ରାୟ ୧୮ ହଜାର ୬୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ।

## ମୋଜ୍‌ତାବା - ଆଟାକ୍ସ

ଇରାନ୍‌ର ନୂତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖାମେନେଇ କହିଛନ୍ତି, ଉପସାଗାରୀୟ ଆରବ ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରହିବ । ଆମେରିକା ଏବଂ ଇସ୍ରାଏଲ୍ ବିରୋଧରେ ରଣନୈତିକ ପଦକ୍ଷେପସ୍ୱରୂପ ହର୍ମୁଜ୍ ଜଳପଥର ବ୍ୟବହାର ଉପରେ ପ୍ରତିବନ୍ଧକ ଜାରି ରଖିବାକୁ ଶ୍ରୀ ଖାମେନେଇ ଦୃଢ଼ ନିଷ୍ପତ୍ତି ନେଇଛନ୍ତି । ଇସ୍ରାଏଲ୍ ଆକ୍ରମଣରେ ମୃତ୍ୟୁବରଣ କରିଥିବା ତାଙ୍କ ପିତାଙ୍କ ଉତ୍ତରାଧିକାରୀ ଭାବେ ମନୋନୀତ ହେବା ପରେ ଶ୍ରୀ ଖାମେନେଇଙ୍କର ଏହା ପ୍ରଥମ ସାର୍ବଜନୀନ ବିବୃତ୍ତି ରହିଥିଲା । ଶ୍ରୀ ଖାମେନେଇ ଆହତ ହୋଇଥିବା ନେଇ ଇସ୍ରାଏଲ୍ ସନ୍ଦେହ ବ୍ୟକ୍ତ କରୁଥିବାବେଳେ ଇରାନ୍‌ର ସରକାରୀ ଟି.ଭି. ସମ୍ବାଦପାଠକ ଶ୍ରୀ ଖାମେନେଇଙ୍କ ଏହି ବିବୃତ୍ତି ପାଠ କରିଛନ୍ତି । ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଇରାନବାସୀଙ୍କର ପ୍ରତିଶୋଧ ନିଆଯିବ ବୋଲି ଶ୍ରୀ ଖାମନେଇ କହିଛନ୍ତି ।

## ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ସେଠାକାର ବିଭିନ୍ନ ଅଞ୍ଚଳରେ ଆକାଶମାର୍ଗରୁ ଆକ୍ରମଣ ଏବଂ ବାୟୁସେନା ପକ୍ଷରୁ ଆକାଶପଥ ଅବରୋଧ ନେଇ ସୂଚନା ପ୍ରଦାନ କରାଯାଇଛି । ଇସ୍ରାଏଲ୍

ସେନା କହିଛି, ତେହେରାନ୍‌ରେ ଆକ୍ରମଣ ଅଧିକ ହେବା ସହିତ ବାସିଜ୍ ଅର୍ଦ୍ଧସାମରିକ ବାହିନୀଦ୍ୱାରା ପରିଚାଳିତ ଚେକ୍‌ପୋଷ୍ଟଗୁଡ଼ିକୁ ଲକ୍ଷ୍ୟ କରି ଆକାଶମାର୍ଗରୁ ଆକ୍ରମଣ ତୀବ୍ର ହୋଇଛି । ଏହି ଚେକ୍‌ପୋଷ୍ଟଗୁଡ଼ିକ ମାଧ୍ୟମରେ ଇରାନ୍‌ର ସୁରକ୍ଷା ବାହିନୀ ତେହେରାନ୍ ମଧ୍ୟରେ ଗତିବିଧିକୁ ନିୟନ୍ତ୍ରଣ କରିଥାଏ । ଅନ୍ୟପକ୍ଷରେ ଇରାନ୍ ପକ୍ଷରୁ ଏସଂକ୍ରାନ୍ତ କ୍ଷୟକ୍ଷତିର କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ । ହର୍ମୁଜ୍ ଜଳପଥରେ ସଂଘର୍ଷ ଅଧିକ ତୀବ୍ର ହୋଇଛି । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସ୍‌ମାଇଲ୍ ବାଘାୟୀ କହିଛନ୍ତି, ଇରାନୀ ନୌସେନା ସହିତ ସିଧାସଳଖ ସମନ୍ୱୟ ରକ୍ଷା କରୁଥିବା ଜାହାଜଗୁଡ଼ିକୁ ଏହି ମାର୍ଗରେ ଚଳାଚଳ କରିବାକୁ ଅନୁମତି ପ୍ରଦାନ କରାଯାଉଛି । ପଶ୍ଚିମ ଏସିଆରେ ସଂଘର୍ଷ ବୃଦ୍ଧିକୁ ଦୃଷ୍ଟିରେ ରଖି ଉପସାଗରୀୟ ସହଯୋଗ ପରିଷଦ ଦେଶଗୁଡ଼ିକରେ ସୁରକ୍ଷା ନେଇ ଅଧିକ ସତର୍କତା ଅବଲମ୍ବନ କରାଯାଇଛି ।

ସାଉଦି ଆରବରେ ତୈଳ କରିଡର ନିକଟବର୍ତ୍ତୀ ଅଞ୍ଚଳ ସମେତ ଶକ୍ତିକ୍ଷେତ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଭିସା ଅବଧି ଶେଷ ହେବା ପରେ ମଧ୍ୟ ସଂଯୁକ୍ତ ଆରବ ଏମିରେଟ୍‌ସ୍‌ରେ ରହିଥିବା ପ୍ରବାସୀଙ୍କୁ ନିଜ ନିଜ ଦେଶକୁ ଫେରିଯିବାପାଇଁ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଛନ୍ତି ।  ଚଳିତ ମାସ ଶେଷ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ୟୁ.ଏ.ଇ. ପକ୍ଷରୁ ସୂଚନା ଦିଆଯାଇଛି ।

# ଏଫ୍.ଆଇ.ଏଚ୍. ୱିମେନ୍ସ ୱାର୍ଲ୍ଡ କପ୍

ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍-୨୦୨୬ ପ୍ରତିଯୋଗିତାପାଇଁ ଭାରତ ନିଜର ସ୍ଥାନ ପକ୍କା କରିଛି । ହାଇଦ୍ରାବାଦଠାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଭାରତର ଏହି ସଫଳତା ହାସଲ କରିଛି । ଆଜି ହାଇଦ୍ରାବାଦଠାରେ ଭାରତ ଓ ଇଟାଲୀ ମଧ୍ୟରେ ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ । ଯୋଗ୍ୟତା ପର୍ଯ୍ୟାୟର ନିୟମ ଅନୁଯାୟୀ ହାଇଦ୍ରାବାଦ ଏବଂ ଚିଲିର ସାଣ୍ଟିଆଗୋଠାରେ ଖେଳାଯାଉଥିବା ଟୁର୍ଣ୍ଣାମେଣ୍ଟର ପ୍ରଥମ ୩ଟି ଦଳ ବିଶ୍ୱକପ୍ ପ୍ରତିଯୋଗିତାକୁ ଉନ୍ନୀତ ହେବେ । ଏଥିସହ ଉଭୟ ପ୍ରତିଯୋଗିତାର ଶ୍ରେଷ୍ଠ ଚତୁର୍ଥ ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିବ । ବେଲ୍‌ଜିୟମ୍ ଏବଂ ନେଦରଲ୍ୟାଣ୍ଡ୍‌ସ ମିଳିତ ଭାବେ ବିଶ୍ୱକପ୍ ପ୍ରତିଯୋଗିତା ଆୟୋଜନ କରୁଛନ୍ତି । ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ମହିଳା ହକି ବିଶ୍ୱକପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

*****